ପ୍ରଭୂ ଯୀଶୁଖ୍ରୀଷ୍ଟ ବହୁତ ଶୀଘ୍ର ଏହି ଧରାପୃଷ୍ଠକୁ ପୁଣି ଆସୁଅଛନ୍ତି। ୨୦୦୦ ବର୍ଷ ପୂର୍ବେ (ଯୋହନ ୧୪:୧-୩) ଏହି ପୃଥିବୀରେ ଥିବା ସମୟରେ ସେ ଏହି ପ୍ରତିଶୃତି ଦେଇଥିଲେ। ଆପଣ ଭାବି ପାରନ୍ତି କି ଆପଣ କିପରି ଭାବେ ଦୃଢ ହେବେ ଯେ ପ୍ରଭୂ ଯୀଶୁଖ୍ରୀଷ୍ଟ ନିଶ୍ଚୟ ପୂର୍ନଆଗମନ କରିବେ। ଦୟାକରି ଭବିଷ୍ୟତବାଣୀକୁ ପଢନ୍ତୁ ଯେଉଁଥିରେ ନିଜେ ପ୍ରଭୂଯୀଶୁ ତାଙ୍କର ପୂର୍ନଆଗମନର ଆଗରୁ କେଉଁସବୁ ଘଟଣା ଘଟିବ ତାହା ବିଷୟରେ କହିଛନ୍ତି। ଏହିସବୁ ଶାସ୍ତ୍ରର ଧ୍ୟାନପୂର୍ବକ ପଠନ ଓ ବର୍ତ୍ତମାନ ପୃଥିବୀରେ ଘଟୁଥିବା ଘଟଣାଗୁଡ଼ିକର ତୁଳନା ଦ୍ୱାରା ପ୍ରମାଣିତ ହେବ ଯେ ଆମର ଜୀବନ କାଳରେ ହିଁ ନିଶ୍ଚୟ ପ୍ରଭୂ ଯୀଶୁ ପୂର୍ନଆଗମନ କରିବେ।

## 1 ମନ୍ଦୀରର ଧ୍ୱଂସ

ଯୀଶୁ ମନ୍ଦିରରୁ ବାହାରି ଚାଲି ଯାଉଥିବା ସମୟରେ ତାହାଙ୍କର ଶିଷ୍ୟମାନେ ତାହାଙ୍କୁ ମନ୍ଦିରର ପ୍ରାସାଦ ସମୂହ ଦେଖାଇବା ନିମନ୍ତେ ତାହାଙ୍କ ନିକଟକୁ ଆସିଲେ, କିନ୍ତୁ ସେ ସେମାନଙ୍କୁ ଉତ୍ତର ଦେଲେ। ସେ ମନ୍ଦିରୁ ବାହାରିଯାଉଥିବା ସମୟରେ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ କହିଲେ, ହେ ଗୁରୁ, ଦେଖନ୍ତୁ, କିପରି ପ୍ରସ୍ତର ଓ କିପରି ପ୍ରାସାଦ! ଯୀଶୁ ତାଙ୍କୁ କହିଲେ, ତୁମ୍ଭେ କଅଣ ଏହି ସମସ୍ତ ବୃହତ୍ ପ୍ରାସାଦ ଦେଖୁଅଛ? ଏକ ପ୍ରସ୍ତର ଅନ୍ୟ ପ୍ରସ୍ତର ଉପରେ ରହିବ ନାହିଁ, ସମସ୍ତ ହିଁ ଭୂମିସାତ୍ ହେବ (ମାଥିଉ ୨୪:୧-୨ନ୍ତ ମାର୍କ ୧୩ :୧-୨ନ୍ତ ଲୂକ ୨୧:୫- ୬). ଏହା ପ୍ରକୃତରେ ୭୦ ଖ୍ରୀଷ୍ଟାବ୍ଦରେ ପୁରଣ ହୋଇ ପାରିଥିଲା ।

## 2 ଆଗମନର ସୂଚନା

ପରେ ସେ ଜୀତପର୍ବତ ଉପରେ ମନ୍ଦିର ସମ୍ମୁଖରେ ବସନ୍ତେ ପିତର, ଯାକୁବ୍, ଯୋହନ ଓ ଆନ୍ଦ୍ରିୟ ତାହାଙ୍କୁ ଗୋପନରେ ପଚାରିବାକୁ ଲାଗିଲେ, ଏସବୁ କେବେ ଘଟିବ। ପୁଣି ଯେଉଁ ସମୟରେ ଏହିସବୁ ସଫଳ ହେବା ସନ୍ନିକଟ ହେବ, ସେ ସମୟର ଲକ୍ଷଣ କଅଣ, ତାହା ଆମ୍ଭମାନଙ୍କୁ କହନ୍ତୁ (ମାଥିଉ ୨୪:୩ନ୍ତ ମାର୍କ ୧୩:୩୪ନ୍ତ ଲୂକ ୨୧:୭)।

## 3 ଭ୍ରାନ୍ତକାରୀ ଭଣ୍ଡ ମାନେ ଦେଖାଦେବେ

ସେଥିରେ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ସାବଧାନ, କେହି, ଯେପରି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରେ। କାରଣ ଅନେଙ୍କ ମୋ ନାମରେ ଆସି ମୁଁ ଖ୍ରୀଷ୍ଟ ବୋଲି କହି ଅନେକଙ୍କୁ ଭ୍ରାନ୍ତ ନ କରେ। ତେଣୁ ସେମାନଙ୍କ ପଛରେ ଯାଅନାହିଁ (ମାଥିଉ ୨୪:୪-୫ନ୍ତ ମାର୍କ ୧୩:୫-୬ନ୍ତ ଲୂକ ୨୧:୮)।

## 4 ଯୁଦ୍ଧ ଏବଂ ସଂଗ୍ରାମର ଜନରବ

ମାତ୍ର ତୁମ୍ଭେମାନେ ଯେତେବେଳେ ଯୁଦ୍ଧ ଓ ବିପ୍ଳବ ବିଷୟ ଶୁଣିବ, ସେତେବେଳେ ତ୍ରାସଯୁକ୍ତ ହୁଅନାହିଁନ୍ତ କାରଣ ଏହି ସମସ୍ତ ଅବଶ୍ୟ ପ୍ରଥମରେ ଘଟିବ, କିନ୍ତୁ ତତ୍‌କ୍ଷଣାତ୍ ଯୁଗାନ୍ତ ହେବ ନାହିଁ (ମାଥିଉ ୨୪:୬ନ୍ତ ମାର୍କ ୧୩:୭ନ୍ତ ଲୂକ ୨୧:୯)।

## 5 ଜାତିଗତ ସଂଗ୍ରାମଢ଼ଭୂମିକମ୍ପଢ଼ଦୁର୍ଭିକ୍ଷଢ଼ମହାମାର

ତପ୍ରରେ ସେ ସେମାନଙ୍କୁ କହିଲେ, ଜାତି ବିଷୟରେ ଜାତି ଓ ରାଜ୍ୟ ବିପକ୍ଷରେ ରାଜ୍ୟ ଉଠିବ। ଆଉ ମହାଭୂମିକମ୍ପ ଓ ସ୍ଥାନେ ସ୍ଥାନେ ମହାମାରୀ ଓ ଦୁର୍ଭିକ୍ଷ ହେବ, ପୁଣି ଆକାଶ ମଣ୍ଡଳରେ ଭୟଙ୍କର ଦୃଶ୍ୟ ମହା ମହା ଲକ୍ଷଣ ଦେଖାଯିବ (ମାଥିଉ ୨୪:୭ନ୍ତ ମାର୍କ ୧୩:୮ନ୍ତ ଲୂକ ୨୧:୧୦-୧୧)।

## 6 କିନ୍ତୁ ଏହି ସମସ୍ତ ପ୍ରସବ ବେଦନାର ଆରମ୍ଭ ମାତ୍ର (ମାଥିଉ ୨୪:୮ନ୍ତ ମାର୍କ ୧୩:୮)।

## 7 ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପାଇଁ ବିଚାବିଭାଗୀୟ ଦଣ୍ଡ

କିନ୍ତୁ ତୁମ୍ଭେମାନେ ଆପଣା ଆପଣା ବିଷୟରେ ସାବଧାନ ହୋଇ ଥାଅ, ଏହି ସମସ୍ତ ଘଟଣା ପୂର୍ବେ ଲୋକେ ତୁମ୍ଭମାନଙ୍କୁ ଧରିବେ ଏବଂ ସମାଜଗୃହ ଓ କାରାଗାରରେ ତୁମ୍ଭମାନଙ୍କୁ ସମର୍ପଣ କରି ତାଡନା କରିବେ, ଆଉ ମୋ ନାମ ସକାଶେ ତୁମ୍ଭେମାନେ ରାଜା ଓ ଶାସନକର୍ତ୍ତାମାନଙ୍କ ଛାମୁକୁ ନିଆଯିବ। ଏହା ତୁମ୍ଭମାନଙ୍କ ସପକ୍ଷରେ ସାକ୍ଷ୍ୟହେବ (ମାଥିଉ ୨୪:୯ନ୍ତ ମାର୍କ ୧୩:୯ନ୍ତ ଲୂକ ୨୧:୧୨-୧୩)।

## 8 ଏଣୁ ଯେତେବେଳେ ଲୋକେ ତୁମ୍ଭମାନଙ୍କୁ ଘେନିଯାଇ

ସମର୍ପଣ କରିବେ, ସେତେବେଳେ ତୁମ୍ଭେମାନେ କଅଣ କହିବ, ସେ ବିଷୟରେ ପୂର୍ବରୁ ଚିନ୍ତିତ ହୁଅ ନାହିଁ, କିନ୍ତୁ ସେହି ଦଣ୍ଡରେ ତୁମ୍ଭମାନଙ୍କୁ ଯାହା ଦିଆଯିବ, ତାହା କୁହ ନ୍ତ କାରଣ ତୁମ୍ଭେମାନେ ବକ୍ତା ନୁହ, ମାତ୍ର। ପବିତ୍ର ଆତ୍ମା ବକ୍ତା ଅଟନ୍ତି। କାରଣ ମୁଁ ତୁମ୍ଭମାନଙ୍କୁ ଏପରି ମୁଖ ଓ ଜ୍ଞାନ ଦେବି ଯେ, ତୁମ୍ଭମାନଙ୍କର ସମସ୍ତ ବିପକ୍ଷ ଲୋକ ସେଥିରେ ପ୍ରତିରୋଧ ବା ପ୍ରତିବାଦ କରି ପାରିବେ ନାହିଁ (ମାର୍କ ୧୩:୧୧ନ୍ତ ଲୂକ ୨୧:୧୪-୧୫)।

## 9 ପରିବାରରେ ବିଶ୍ୱାସଘାତକତା

ସେତେବେଳେ ଅନେକେ ବିଘ୍ନ ପାଇବେ, ପୁଣି ପରସ୍ପରକୁ ଧରାଇ ଦେବେ ଓ ପରସ୍ପରକୁ ଘୃଣା କରିବେ । ଭ୍ରାତା ଭ୍ରାତାକୁ ଓ ପିତା ପୁତ୍ରକୁ ମୃତ୍ୟୁ ଭୋଗ କରିବା ନିମନ୍ତେ ସମର୍ପଣ କରିବେନ୍ତ ପୁଣି, ସନ୍ତାନମାନେ ପିତା-ମାତାଙ୍କ ବିରୁଦ୍ଧରେ ଉଠି ସେମାନଙ୍କୁ ବଧ କରିବେ। ଆଉ ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବନ୍ତ ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ। କିନ୍ତୁ ତୁମ୍ଭମାନଙ୍କ ମସ୍ତକର କେଶହିଁ ନଷ୍ଟ ହେବ ନାହିଁ। ଧୈର୍ଯ୍ୟ ଦ୍ୱାରା ତୁମ୍ଭେମାନେ ଆପଣା ଆପଣା ଜୀବନ ଲାଭ କରିବ (ମାଥିଉ ୨୪:୯-୧୦ନ୍ତ ମାର୍କ ୧୩:୧୨-୧୩ନ୍ତ ଲୂକ ୨୧:୧୬-୧୯)।

## 10 ପ୍ରେମ ଶିତଳ ହୋଇଯିବ

ପୁଣି ଅଧର୍ମ ବୃଦ୍ଧି ପାଇବାରୁ ଅଧିକାଂଶ ଲୋକଙ୍କର ପ୍ରେମ ଶୀତଳ ହୋଇଯିବ। ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ (ମାଥିଉ ୨୪:୧୨-୧୩)।

## 11 ଆଉ ସମସ୍ତ ଜାତି ନିକଟରେ ସାକ୍ଷୀ ଦେବା ନିମନ୍ତେ

ରାଜ୍ୟର ଏହି ସୁସମାଚାର ସମୁଦାୟ ପୃଥିବୀରେ ଘୋଷଣା କରାଯିବ, ତତ୍‌ପରେ ଯୁଗାନ୍ତ ହେବ (ମାଥିଉ ୨୪:୧୪ନ୍ତ ମାର୍କ ୧୩:୧୦)।

## 12 ଉତ୍ସନ୍ନକାରୀ ଘୃଣ୍ୟ ବସ୍ତୁର ଯିରୁଶାଲମରେ ଅବସ୍ଥାନ

କିନ୍ତୁ ତୁମ୍ଭେମାନେ ଯେତେବେଳେ ନିରୁଶାଲମକୁ ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ଦେଖିବ, ସେତେବେଳେ ତାହା ଉତ୍ସନ୍ନ ହେବା ଯେ ସନ୍ନିକଟ, ଏହା କଣ (ଲୂକ ୨୧:୨୦)। ଏଣୁ ତୁମ୍ଭେମାନେ ଯେତେବେଳେ ଦାନିୟେଲ ଭାବବାଦୀଙ୍କ ଦ୍ୱାରା ଉକ୍ତ ଉତ୍ସନ୍ନକାରୀ ଘୃଣ୍ୟ ବସ୍ତୁକୁ ପବିତ୍ର ସ୍ଥାନରେ ଅବସ୍ତିତ ଦେଖିବ ସେତେବେଳେ ଯେଉଁମାନେ ଯିହୂଦା ପ୍ରଦେଶରେ ଥାଆନ୍ତି, ସେମାନେ ପର୍ବତମାଳାକୁ ପଳାଇଯାଆନ୍ତୁ। ଯେ ଛାତ ଉପରେ ଥାଏ, ସେ ଆପଣା ଘର ଭିତରୁ ଜିନିଷ ପତ୍ର ଘେନିଯିବା ପାଇଁ ଓହ୍ଲାଇ ନ ଆସୁ। ପୁଣି, ଯେ କ୍ଷେତରେ ଥାଏ, ସେ ଅପଣା ଚାଦର ଘେନିଯିବା ପାଇଁ ଲେଉଟି ନ ଯାଉ (ମାଥିଉ ୨୪:୧୫-୧୮ନ୍ତମାର୍କ ୧୩:୧୪-୧୬ନ୍ତଲୂକ ୧୭:୩୧ନ୍ତ୨୧:୨୧)। ସେହି ସମୟରେ ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟ ଦାତ୍ରୀ ହାୟ, ସେମାନେ କ୍ଲେଶର ପାତ୍ର। କିନ୍ତୁ ତୁମ୍ଭମାନଙ୍କର ପଳାୟନ ଯେପରି ଶୀତକାଳରେ କିମ୍ୱା ବିଶ୍ରାମ ବାରରେ ନ ଘଟେ, ଏଥିପାଇଁ ପ୍ରାର୍ଥନା କର (ମାଥିର ୨୪:୧୯-୨୦ନ୍ତ ମାର୍କ ୧୩:୧୭-୧୮ନ୍ତ ଲୂକ ୨୧:୨୩)। ଆଉ ସେମାନେ ଖଡ୍‌ଗ ଧାରରେ ହତ ହେବେ ଓ ବନ୍ଦୀ ହୋଇ ସମସ୍ତ ବିଜାତି ମଧ୍ୟକୁ ନୀତ ହେବେ, ପୁଣି ବିଜାତିମାନଙ୍କର କାଳ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଯିରୁଶାଲମ ସେମାନଙ୍କର ପଦ ଦଳିତ ହୋଇ ରହିବ (ଲୂକ ୨୧:୨୪)।

## 13 ଯାକୁବ୍‌ଙ୍କ ସଂକଟ କାଳ (ଯିରିମିୟ ୩୦:୬-୭)

କାରଣ ସେହି କାଳରେ ଏପରି କ୍ଲେଶ ଘଟିବ ଯେ, ଈଶ୍ୱରଙ୍କ କୃତି ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସେପରି ଘଟି ନାହିଁ । ପୁଣି କେବେହେଁ ଘଟିବ ନାହିଁ (ମାଥିଉ ୨୪:୨୧-୨୨ନ୍ତ ମାର୍କ ୧୩:୧୯-୨୦ନ୍ତ ଲୂକ ୨୧:୨୩)। କାରଣ ଲିଖିତ ବିଷୟସବୁ ସଫଳ ହେବା ନିମନ୍ତେ ତାହା ସୁମଚିତ ଦଣ୍ଡର ସମୟ ଅଟେ (ଲୂକ ୨୧:୨୨)।

## 14 ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ

ସେତେବେଳେ 'ଦେଖ ଖ୍ରୀଷ୍ଟ ଏଠାରେ' କିବା 'ଦେଖ ସେଠାରେ' କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ, ତେବେ ତାହା ବିଶ୍ୱାସ କରନାହିଁ। ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ ଉଠି ଏପରି ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିବେ। କିନ୍ତୁ ତୁମ୍ଭେମାନେ ସାବଧାନ ହୋଇଥାଅନ୍ତ ମୁଁ ପୂର୍ବରୁ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଜଣାଇଲି (ମାଥିଉ ୨୪:୨୩-୨୪ନ୍ତ ମାର୍କ ୧୩:୨୧-୨୩)। ଅତଏବ, 'ଦେଖ ସେ ପ୍ରାନ୍ତରରେ ଅଛନ୍ତି', ଲୋକେ ଯଦି ତୁମ୍ଭମାନଙ୍କୁ ଏହି କଥା କହିବେ, ତେବେ ବାହାରି ଯାଅନାହିଁନ୍ତ 'ଦେଖ, ସେ ଗୁପ୍ତ କୋଠରୀରେ ଅଛନ୍ତି', ଯଦି ଏହା କହିବେ, ତେବେ ତାହା ବିଶ୍ୱାସ କର ନାହିଁ। କାରଣ ବିଜୁଳି ଯେପରି ପୂର୍ବ ଦିଗରୁ ମାରି ପଶ୍ଚିମ ଦିଗ ପର୍ଯ୍ୟନ୍ତ ଦେଖାଯାଏ, ସେପରି ମନୁଷ୍ୟ ପୁତ୍ରଙ୍କର ଆଗମନ ହେବ (ମାଥିଉ ୨୪:୨୬-୨୭ନ୍ତ ଲୂକ ୧୭:୨୩-୨୪)।

## 15 ଆକାଶରେ ସୂଚନା

ମାତ୍ର ସେହି ସମୟରେ କ୍ଲେଶ ଉତ୍ତାରେ ଅକସ୍ମାତ୍ ସୂର୍ଯ୍ୟ ଅନ୍ଧକାରମୟ ହେବ ଓ ଚନ୍ଦ୍ର ଆଲୋକ ହେବ ନାହିଁ। ପୁଣି ନକ୍ଷତ୍ରମାଳା ଆକାଶରୁ ସ୍ଖଳିତ ହେବେ ଓ ଆକାଶ ମଣ୍ଡଳର ଶକ୍ତି ସମୂହ ବିଚଳିତ ହେବେ। ପୁଣି ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାଳାରେ ଲକ୍ଷଣ ଦେଖାଯିବ, ଆଉ ପୃଥିବୀରେ ଜାତିମାନଙ୍କ ମଧ୍ୟରେ କ୍ଲେଶ ଘଟିବନ୍ତ ସମୁଦ୍ର ଓ ତରଙ୍ଗର ତର୍ଜନ ଗର୍ଜନ ହେତୁ ସେମାନେ ହତ ବୁଦ୍ଧି ହେବେ (ମାଥିଉ ୨୪:୨୯ନ୍ତ ମାର୍କ ୧୩:୨୪-୨୫ନ୍ତ ଲୂକ ୨୧:୨୫). ପୁଣି ଜଗତ ଉପରେ ଆସୁଥିବା ଘଟଣା ସବୁକୁ ଅପେକ୍ଷା କରି ଲୋକେ ମୂର୍ଚ୍ଛିତ ହେବେ, କାରଣ ଆକାଶ ମଣ୍ଡଳର ଶକ୍ତି ସମୂହ ବିଚଳିତ ହେବେ (ଲୂକ ୨୧:୨୫-୨୬)।



16 ସେତେବେଳେ ଆକାଶରେ ମନୁଷ୍ୟପୁତ୍ରଙ୍କର ଲକ୍ଷଣ ଦେଖାଯିବ, ପୁଣି ସେ ସମୟରେ ପୃଥିବୀର ସମସ୍ତ ଗୋଷ୍ଠୀ ବିଳାପ କରିବେ ଏବଂ ସେମାନେ ଆକାଶର ଏକ ସୀମାରୁ ଅନ୍ୟସୀମା ପର୍ଯ୍ୟନ୍ତ ଚତୁର୍ଦ୍ଦିଗରୁ ତାହାଙ୍କର ମନୋନୀତ ଲୋକମାନଙ୍କୁ ଏକତ୍ର କରିବେ (ମାଥିଉ ୨୪:୩୦-୩୧ନ୍ତମାର୍କ ୧୩:୨୬-୨୭ନ୍ତଲୂକ ୨୧:୨୭)।

17 କିନ୍ତୁ ଏହି ସମସ୍ତ ଘଟଣା ଆରମ୍ଭ ହେଲେ ତୁମ୍ଭେମାନେ ଊର୍ଦ୍ଧ୍ୱଦୃଷ୍ଟି କର ଓ ମସ୍ତକ ଉତ୍ତୋଳନ କର, ତେଣୁ ତୁମ୍ଭମାନଙ୍କର ମୁକ୍ତି ସନ୍ନିକଟ (ଲୂକ ୨୧:୨୮)।

18 ଆଉ, ସେ ସେମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ କହିଲେ, ଡିମ୍ବିରି, ପୁଣି ସମସ୍ତ ବୃକ୍ଷପ୍ରତି ଦୃଷ୍ଟିପାତ କର। ଯେତେବେଳେ ସେଗୁଡ଼ିକ ପଲ୍ଲବିତ ହୁଏ, ସେତେବେଳେ ତୁମ୍ଭେମାନେ ତାହା ଦେଖି ଗ୍ରୀଷ୍ମକାଳ ସନ୍ନିକଟ ହେଲାଣି ବୋଲି ନିଜେ ନିଜେ ଜାଣି ଥାଅନ୍ତ ସେହିପରି ତୁମ୍ଭେମାନେ ମଧ୍ୟ ଏହି ସମସ୍ତ ଘଟଣା ଦେଖିଲେ ଈଶ୍ୱରଙ୍କ ରାଜ୍ୟ ଯେ ସନ୍ନିକଟ, ଏହା ଜାଣ (ମାଥିଉ ୨୪:୩୨-୩୩ନ୍ତ ମାର୍କ ୧୩:୨୮-୨୯ନ୍ତଲୂକ ୨୧:୨୯-୩୧)। କିନ୍ତୁ ସେହିଦିନ ଓ ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ! କେବଳ ମାତ୍ର ପିତା ଜାଣନ୍ତି (ମାଥିଉ ୨୪:୩୬ନ୍ତମାର୍କ ୧୩:୩୨)।

19 ଆଉ, ନୋହଙ୍କ ସମୟରେ ଯେପ୍ରକାର ଘଟିଥିଲା, ମନୁଷ୍ୟ ପୁତ୍ରଙ୍କର ଆଗମନ ସମୟରେ ସେ ପ୍ରକାର ଘଟିବ। କାରଣ ଜଳ ପ୍ଲାବନର ପୂର୍ବବର୍ତ୍ତୀ ସମୟରେ ଜାହାଜରେ ନୋହଙ୍କର ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଯେପରି ଭୋଜନ ପାନ ଏବଂ ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ। ପୁଣି ଜଳପ୍ଲାବନ ଆସି ସମସ୍ତଙ୍କୁ ଭସାଇ ନ ଦେବା ପର୍ଯ୍ୟନ୍ତ ଯେପରି ଜାଣି ନଥିଲେ, ମନୁଷ୍ୟପୁତ୍ରଙ୍କର ଆଗମନ ମଧ୍ୟ ସେହି ପ୍ରକାର ହେବ (ମେଥିଉ ୨୪:୩୭-୩୯ନ୍ତଲୂକ ୧୭:୨୬-୨୭)।

20 ଲୋଟଙ୍କ ସମୟରେ ମଧ୍ୟ ସେହି ପ୍ରକାର ଘଟିଥିଲା, ଲୋକେ ଭୋଜନ ପାନ, କ୍ରୟ ବିକ୍ରୟ, ବୃକ୍ଷରୋପଣ ଓ ଗୃହନିର୍ମାଣ କରିବାରେ ପ୍ରବୃତ୍ତ ଥିଲେ। କିନ୍ତୁ ଲୋଟ ସଦୋମରୁ ବାହାରିଯିବା ଦିନ ଆକାଶରୁ ଅଗ୍ନି ଓ ଗନ୍ଧକ ବୃଷ୍ଟି ହୋଇ ସମସ୍ତଙ୍କୁ ବିନାଶ କଲା। ମନୁଷ୍ୟ ପୁତ୍ର ପ୍ରକାଶିତ ହେବା ଦିନ ସେହି ପ୍ରକାର ଘଟିବ (ଲୂକ ୧୭:୨୮-୩୦)।

21 ଲୋଟଙ୍କ ସ୍ତ୍ରୀର କଥା ସ୍ମରଣ କର। ଯେ କେହି ଆପଣା ଜୀବନ ଲାଭ କରିବାକୁ ଚେଷ୍ଟା କରେ, ସେ ତାହା ହରାଇବ, ଆଉ ଯେ କେହି ଆପଣା ଜୀବନ ହରାଇବ, ସେ ତାହା ବଞ୍ଚାଇବ (ଲୂକ ୧୭:୩୨-୩୩)।

22 ମୁଁ ତୁମ୍ଭମାନଙ୍କୁ କହୁଅଛି, ସେହି ରାତ୍ରିରେ ଦୁଇଜଣ ଗୋଟିଏ ଶଯ୍ୟାରେ ଥିବେ, ଜଣକୁ ଗ୍ରହଣ କରାଯିବ ଓ ଅନ୍ୟ ଜଣକୁ ପରିତ୍ୟାଗ କରାଯିବ। ଦୁଇଜଣ ସ୍ତ୍ରୀ ଏକାଠି ଚକି ପେଷୁଥିବେ, ଜଣକୁ ଗ୍ରହଣ କରାଯିବ ଓ ଅନ୍ୟଜଣକୁ ପରିତ୍ୟାଗ କରାଯିବ। ଦୁଇଜଣ କ୍ଷେତରେ ଥିବେ, ଜଣକୁ ଗ୍ରହଣ କରାଯିବ ଓ ଅନ୍ୟଜଣକୁ ପରିତ୍ୟାଗ କରାଯି (ମାଥିଉ ୨୪:୪୦-୪୧ନ୍ତ ଲୂକ ୧୭:୩୪-୩୬)। ସେଥିରେ ସେମାନେ ତାହାଙ୍କୁ ଉତ୍ତର ଦେଲେ, ହେ ପ୍ରଭୁ, କେଉଁଠାରେ? ସେ ସେମାନଙ୍କୁ କହିଲେ, ଯେଉଁଠାରେ ଶବ, ସେହିଠାରେ ଶାଗୁଣାଗୁଡାକ ମଧ୍ୟ ଏକାଠି ହେବେ (ଲୂକ ୧୭:୩୭)।

23 ସାବଧାନ ରହ ଓ ସର୍ବଦା ପ୍ରାର୍ଥନା କର
ତାହା ଏହିପରି, ଯେପରି ଜଣେ ବ୍ୟକ୍ତି ଆପଣା ଗୃହ ତ୍ୟାଗ କରି ବିଦେଶରେ ପ୍ରବାସ କରୁଅଛନ୍ତି, ଆଉ ସେ ଆପଣା ଦାସମାନଙ୍କୁ ଅଧିକାର ଦେଇ ପ୍ରତ୍ୟେକର କାର୍ଯ୍ୟ ନିରୂପଣ କରିଅଛନ୍ତି। ଅତଏବ, କାଳେ ଗୃହକର୍ତ୍ତା ଅକସ୍ମାତ୍ ଆସି ତୁମ୍ଭମାନଙ୍କୁ ନିଦ୍ରିତ ଦେଖନ୍ତି। ଏଥିନିମନ୍ତେ ଜାଗ୍ରତ ଥାଅ, କାରଣ ସେ ସଂନ୍ଧ୍ୟାବେଳେ କି ଅଧ ରାତିରେ କି କୁକୁଡା ଡାକିବା ସମୟରେ କି ସକାଳେ, କେତେବେଳେ ଯେ ଆସିବେ, ତାହା ତୁମ୍ଭୋମାନେ ଜାଣ ନାହିଁ (ମାର୍କ ୧୩:୩୪-୩୬)।

24 କିନ୍ତୁ ଏହା ଜାଣିଥାଅ, କେଉଁ ପହରରେ ଚୋର ଆସିବ, ଏହା ଗୃହକର୍ତ୍ତା ଯେବେ ଜାଣନ୍ତେ, ତାହାହେଲେ ସେ ଜାଗ୍ରତ ଥାଇ ଆପଣା ଗୃହରେ ସିନ୍ଧି କାଟିବାକୁ ଦିଅନ୍ତେ ନାହିଁ (ମାଥିଉ ୨୪:୪୩-୪୪).

25 କିନ୍ତୁ ତୁମ୍ଭେମାନେ ଆପଣା ଆପଣା ବିଷୟରେ ସାବଧାନ ହୋଇଥାଅ, କାଳେ ତୁମ୍ଭମାନଙ୍କର ହୃଦୟ ମତ୍ତତା ଓ ମଦ୍ୟପାନରେ, ପୁଣି ଜୀବିକା ସମ୍ବନ୍ଧୀୟ ଚିନ୍ତାରେ ଭାରଗ୍ରସ୍ତ ହୁଏ, ଆଉ ସେହିଦିନ ହଠାତ୍ ତୁମ୍ଭମାନଙ୍କ ଉପରେ ପଡ଼େ। ତୁମ୍ଭେମାନେ ସାବଧାନ ହୋଇଥାଅ, ଜାଗି ରୁହନ୍ତ କାରଣ ସେ ସମୟ କେବେ ହେବ, ତାହା ତୁମ୍ଭେନେ ଜାଣ ନାହିଁ। କାରଣ ତାହା ଫାନ୍ଦ ସ୍ୱରୂପେ ସମଗ୍ର ପୃଥିବୀ ନିବାସୀ ସମସ୍ତଙ୍କ ଉପରେ ଆସିବ (ମାର୍କ ୧୩:୩୩ନ୍ତଲୂକ ୨୧:୩୪)।

26 କିନ୍ତୁ ତୁମ୍ଭେମାନେ ଯେପରି ଏହି ସମସ୍ତ ଆଗାମୀ ଘଟନାରୁ ରକ୍ଷା ପାଇବାକୁ ଓ ମନୁଷ୍ୟପୁତ୍ରଙ୍କ ଛାମୁରେ ଉଭା ହେବାକୁ ସମର୍ଥ ହୁଅ, ଏଥି ନିମନ୍ତେ ସର୍ବଦା ପ୍ରାର୍ଥନା କରି ଜାଗିରୁହ (ଲୂକ ୨୧:୩୬)।

27 ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଏ ସମସ୍ତ ନ ଘଟିବା ପର୍ଯ୍ୟନ୍ତ ଏହି ବର୍ତ୍ତମାନ ପୁରୁଷ କୌଣସି ପ୍ରକାରେ ଲୋପ ପାଇବ ନାହିଁ। ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟ ସମୂହ କଦାପି ଲୋପ ପାଇବ ନାହିଁ (ମାଥିଉ ୨୪:୩୪-୩୫ନ୍ତମାର୍କ ୧୩:୩୦-୩୧ନ୍ତଲୂକ ୨୧:୩୨-୩୩)।

ନିଜ ମହିମାର ସିଂହାସନରେ ବିଭାଜମାନ କରି ମହାରାଜ - ପ୍ରଭୂ ଯୀଶୁଖ୍ରୀଷ୍ଟ, ମହାଶକ୍ତି ଏବଂ ମହିମା ସହ ତାଙ୍କର ପବିତ୍ର ସ୍ୱର୍ଗଦୂତ ଏବଂ ସାଧୁମାନଙ୍କ ଉପସ୍ଥିତିରେ ଅତିଶୀଘ୍ର ପୁର୍ନଆଗମନ କରୁଛନ୍ତି ।

**ଈଶ୍ୱରଙ୍କୁ ଭୟକର ଓ ତାହାଙ୍କୁ ଗୌରବ ପ୍ରଦାନ କର, କାରଣ ତାହାଙ୍କ ବିଚାର ସମୟ ଉପସ୍ଥିତ, ପୁଣି ଯେ ଆକାଶ, ପୃଥିବୀ, ସମୁଦ୍ର ଓ ନିର୍ଝରିଣୀ ସମୂହ ସୃଷ୍ଟି କରିଅଛନ୍ତି, ତାହାଙ୍କୁ ପ୍ରଣାମ କର**

(ପ୍ରକାଶିତ ବାକ୍ୟ ୧୪:୭) ।

## ଆଉ ବିଳମ୍ବ ନାହିଁ !

ସ୍ୱର୍ଗର ରାଜ୍ୟ ବର୍ତ୍ତମାନ ପାଖେଇ ଆସିଅଛି। ଅନୁତାପ କର ଓ ସୁସମାଚାରରେ ବିଶ୍ୱାସ ରଖ।

**ନିଶ୍ଚିତଭାବେ, ପ୍ରଭୁ ଯୀଶୁଖ୍ରୀଷ୍ଟ ଶୀଘ୍ର ପୁର୍ନଆଗମନ କରୁଛନ୍ତି ।**

**ପ୍ରଭୁ ବା ନିଜ ପରମେଶ୍ୱରଙ୍କ ସହ ମିଳନ ପାଇଁ ପ୍ରସ୍ତୁତ ରୁହନ୍ତୁ !**

ଏନ୍‌ଜେଲ୍ ଟିଭି ଦେଖନ୍ତୁ ।
www.angeltv.org



# ପ୍ରଭୁଙ୍କ ରାଜ୍ୟର ସୁସମାଚାର

ଓଡ଼ିଆ | ODIA